# NATIONAL NEWS BULLETIN (ODIA)

## 27 October - 2025

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଯୁବ ଅଧିକାରୀଙ୍କ ନେତୃତ୍ୱାଧୀନ ପୁଲିସ୍ ବାହିନୀ ବିକଶିତ ଭାରତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ, କହିଲେ ରାଷ୍ଟ୍ରପତି ।
- ଦେଶର ମତ୍ସ୍ୟ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ସରକାର ବ୍ୟାପକ ଯୋଜନା ପ୍ରଣୟନ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ସୂଚନା ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରିବାକୁ ବିଶ୍ୱର ସବୁ ରାଷ୍ଟ୍ରଙ୍କୁ ଆହ୍ୱାନ ଦେଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କରାଯିବ ବୋଲି ନିର୍ବାଚନ କମିଶନ୍‌ଙ୍କ ଘୋଷଣା ।

ଏବଂ

- ବୈଦ୍ୟୁତିକ ସାମଗ୍ରୀ ଉତ୍ପାଦନ ଯୋଜନା ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୭ଟି ଆବେଦନପତ୍ର ଅନୁମୋଦିତ ।

# ପ୍ରେଜ୍-ଆଇପିଏସ୍ ଅଫିସରର୍ସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଯୁବ ଅଧିକାରୀଙ୍କ ନେତୃତ୍ୱାଧୀନ ପୁଲିସ୍ ବାହିନୀ ବିକଶିତ ଭାରତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ନୂଆଦିଲ୍ଲୀରେ ୨୦୨୪ ବ୍ୟାଚ୍‌ର ଭାରତୀୟ ପୁଲିସ୍ ସେବା ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧନ କରି ରାଷ୍ଟ୍ରପତି ଏହା କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, କ୍ଷମତା ସହିତ ଉତ୍ତରଦାୟିତ୍ୱ ଆସେ ବୋଲି ଯୁବ ଅଧିକାରୀ ମନେ ରଖିବା ଉଚିତ୍ । ନୈତିକ ଚିନ୍ତାଧାରା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ସମୟରେ ନ୍ୟାୟ ଏବଂ ନିରପେକ୍ଷ ପଥ ଅନୁସରଣ କରିବାକୁ ରାଷ୍ଟ୍ରପତି ପ୍ରଶିକ୍ଷାର୍ଥୀଙ୍କୁ ପରାମର୍ଶ ଦେଇଛନ୍ତି । କ୍ଷମତା ସମ୍ପନ୍ନ ଅଧିକାରୀ ହୋଇ ମଧ୍ୟ ନିଜର କରୁଣାପୂର୍ଣ୍ଣ ଭାବନାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି । ପ୍ରଯୁକ୍ତିବିଦ୍ୟା, ପୁଲିସ୍ ବ୍ୟବସ୍ଥାରେ ଯଥେଷ୍ଟ ପରିବର୍ତ୍ତନ ଆଣିଛି ବୋଲି ରାଷ୍ଟ୍ରପତି କହିବା ସହ ଡିଜିଟାଲ୍ ଠକେଇ ବର୍ତ୍ତମାନ ସମୟର ଏକ ବଡ଼ ବିପଦ ବୋଲି ଚେତାଇ ଦେଇଛନ୍ତି । କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ମାଧ୍ୟମରେ ନାଗରୀକଙ୍କୁ ନ୍ୟାୟ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ରାଷ୍ଟ୍ରପତି ପ୍ରଶିକ୍ଷାର୍ଥୀଙ୍କୁ ପରାମର୍ଶ ଦେଇଛନ୍ତି ।

# ଅମିତ ଶାହା

ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ସମଗ୍ର ଦେଶରେ ସମବାୟ ଭିତ୍ତିରେ ଅତି କମ୍‌ରେ ୨୦୦ଟି ଗଭୀର ସମୁଦ୍ରରୁ ମାଛ ଧରା ଯନ୍ତ୍ରଚାଳିତ ଡଙ୍ଗା ବଣ୍ଟନ କରିବାକୁ ସରକାର ଯୋଜନା କରୁଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ।

ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଆଜି ମୁମ୍ବାଇର ମଜ୍‌ଗାଓଁ ବନ୍ଦରରେ ହିତାଧିକାରୀଙ୍କୁ ଦୁଇଟି ଗଭୀର ସମୁଦ୍ରରୁ ମାଛ ଧରିବା ଯନ୍ତ୍ରଚାଳିତ ଡଙ୍ଗା ବଣ୍ଟନ ଅବସରରେ ମନ୍ତ୍ରୀ ଶ୍ରୀ ଶାହା ଏହା କହିଛନ୍ତି । ଡଙ୍ଗା ଦୁଇଟିର ପଞ୍ଜିକରଣ ପ୍ରମାଣପତ୍ର ଏବଂ ପ୍ରତିକାତ୍ମକ ଚାବିକୁ ଶ୍ରୀ ଶାହା ହିତାଧିକାରୀଙ୍କୁ ଆଜି ହସ୍ତାନ୍ତର କରିଛନ୍ତି । ଦେଶର ମତ୍ସ୍ୟ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ମତ୍ସ୍ୟଜୀବୀଙ୍କ ପାଖରେ ଏହାର ସୁଫଳ ପହଞ୍ଚାଇବା ପାଇଁ ସରକାର ବ୍ୟାପକ ଯୋଜନା ପ୍ରଣୟନ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି ।

ମାଛ ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ରପ୍ତାନୀକୁ ସହଜ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଦେଶର ବିଶାଳ ଉପକୂଳର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ଶାହା କହିଛନ୍ତି, ମତ୍ସ୍ୟଶିଳ୍ପ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଛି । ୨୦୧୪ରେ ଦେଶର ସମୁଦ୍ର ଉତ୍ପାଦ ୧୦୨ ଲକ୍ଷ ଟନ୍ ଥିବା ବେଳେ ଏବେ ଏହା ୧୯୫ ଲକ୍ଷ ଟନ୍‌ରେ ପହଞ୍ଚିଛି ।

ଶ୍ରୀ ଶାହା କହିଛନ୍ତି, ଦେଶର ପ୍ରତ୍ୟେକ ନାଗରୀକ ଏବଂ ପରିବାର ସମୃଦ୍ଧ ଓ ଆତ୍ମନିର୍ଭରଶୀଳ ହେଲେ ବିକଶିତ ଭାରତ ସ୍ୱପ୍ନ ସାକାର

ହୋଇପାରିବ । ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିସ୍ ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟ ଯୋଗଦେଇଥିଲେ ।

## ଜୟଶଙ୍କର-ଇଷ୍ଟ ଏସୀୟ ସମିଟ୍

ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରିବାକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବିଶ୍ୱର ସବୁ ରାଷ୍ଟ୍ରକୁ ଆହ୍ୱାନ ଦେଇଛନ୍ତି । ବିଶ୍ୱ ଶାନ୍ତି ଏବଂ ସ୍ଥିରତା ଦିଗରେ ଆତଙ୍କବାଦ ଏକ ସବୁଠାରୁ ବଡ଼ ବିପଦ ବୋଲି ସେ କହିଛନ୍ତି । ମାଲେସିଆର କ୍ୱାଲାଲମ୍ପୁରଠାରେ ୨୦ତମ ପୂର୍ବ ଏସିଆ ଶିଖର ସମ୍ମିଳନୀକୁ ଆଜି ସମ୍ବୋଧନ କରି ଡକ୍ଟର ଜୟଶଙ୍କର ଏହା କହିଛନ୍ତି ।

ଆତଙ୍କବାଦ ବିରୁଦ୍ଧରେ ପ୍ରତିରକ୍ଷା ଅଧିକାରକୁ ସାମୂହିକ ଭାବରେ ଗ୍ରହଣ କରାଯିବା ସମ୍ଭବ ନୁହେଁ ବୋଲି ଡକ୍ଟର ଜୟଶଙ୍କର ସ୍ପଷ୍ଟ କରିଛନ୍ତି । ୨୦୨୬ ବର୍ଷକୁ ଆସିଆନ୍ ଭାରତ ସାମୁଦ୍ରିକ ସହଯୋଗ ବର୍ଷ ଭାବେ ପାଳନ କରାଯିବ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

ଗାଜା ଶାନ୍ତି ଯୋଜନାକୁ ଭାରତ ସ୍ୱାଗତ କରିଛି ଏବଂ ୟୁକ୍ରେନ୍‌ରେ ଯୁଦ୍ଧର ଶୀଘ୍ର ସମାପ୍ତି ପାଇଁ ସେ ଆହ୍ୱାନ ଦେଇଛନ୍ତି । ଚଳିତ ବର୍ଷ ମାର୍ଚ୍ଚ

ମାସରେ ମ୍ୟାଁମାର୍‌ରେ ହୋଇଥିବା ଭୂକମ୍ପ ସମୟରେ ଭାରତ ପ୍ରଥମ ପ୍ରତିକ୍ରିୟାକାରୀ ଭାବେ କାର୍ଯ୍ୟ କରିଥିଲା ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

ଭାରତ-ମ୍ୟାଁମାର୍-ଥାଇଲାଣ୍ଡ ତ୍ରିପାକ୍ଷିକ ରାଜପଥ ପ୍ରକଳ୍ପ ପ୍ରତି ଭାରତର ପ୍ରତିବଦ୍ଧତାକୁ ଡକ୍ଟର ଜୟଶଙ୍କର ଏହି ଅବସରରେ ଦୋହରାଇଛନ୍ତି । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି, ପ୍ରଗତି ଏବଂ ସମୃଦ୍ଧିକୁ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ପୂର୍ବ ଏସିଆ ସମ୍ମିଳନୀକୁ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ଗ୍ରହଣ କରିଥାଏ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ଇସି-ଏସ୍‌ଆଇଆର୍

ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କରାଯିବ ବୋଲି ନିର୍ବାଚନ କମିଶନ୍ ଆଜି ଘୋଷଣା କରିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ନିର୍ବାଚନ କମିଶନର୍ ଜ୍ଞାନେଶ କୁମାର କହିଛନ୍ତି, ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ ଏବଂ ତ୍ରୁଟିମୁକ୍ତ କରିବା ଏହି ସଂଶୋଧନର ମୂଳ ଲକ୍ଷ୍ୟ । ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ସ୍ତରରେ ଏହି ସଂଶୋଧନ ପ୍ରକ୍ରିୟା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## V/O-1-GYANESH-ON-12-STATES

ଶ୍ରୀ କୁମାର କହିଛନ୍ତି, ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅନୁଷ୍ଠିତ ହେଉଥିବା ସମସ୍ତ ୧୨ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଆଜି ମଧ୍ୟ ରାତ୍ରିରୁ ତାଲିକାରେ କୌଣସି ପ୍ରକାର ପରିବର୍ତ୍ତନ କରାଯାଇ ପାରିବ ନାହିଁ । ଏହି ଦ୍ୱିତୀୟ ପର୍ଯ୍ୟାୟ ସଂଶୋଧନରେ ୫୧ କୋଟିରୁ ଅଧିକ ଭୋଟର ସାମିଲ ହେବେ । ସେ କହିଛନ୍ତି, ବୁଥ୍ ସ୍ତରୀୟ ଅଧିକାରୀ ପୂର୍ବରୁ ଥିବା ଭୋଟରଙ୍କୁ ଗଣନା ଫର୍ମ ବଣ୍ଟନ କରିବେ । ୨୦୦୩ ଭୋଟର ତାଲିକାଭୁକ୍ତ ମତଦାତାଙ୍କୁ କୌଣସି ଅତିରିକ୍ତ କାଗଜପତ୍ର ଉପସ୍ଥାପନ କରିବାକୁ ପଡ଼ିବ ନାହିଁ । ଏପରିକି ୨୦୦୩ ଭୋଟର ତାଲିକାଭୁକ୍ତ ପିତାମାତାଙ୍କ ସନ୍ତାନଙ୍କ କ୍ଷେତ୍ରରେ ମଧ୍ୟ କୌଣସି ଅତିରିକ୍ତ କାଗଜପତ୍ର ଦାଖଲର ଆବଶ୍ୟକତା ପଡ଼ିବ ନାହିଁ ବୋଲି ଶ୍ରୀ କୁମାର ସ୍ପଷ୍ଟ କରିଛନ୍ତି ।

## V/O-2-GYANESH-ON-DOCUMENTS

ଶ୍ରୀ କୁମାର କହିଛନ୍ତି, ସଂଶୋଧନ ପ୍ରକ୍ରିୟା ଆସନ୍ତାମାସ ୪ ତାରିଖରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ । ଡିସେମ୍ବର ୯ ତାରିଖରେ ଚିଠା ତାଲିକା ଏବଂ ଫେବୃୟାରୀ ୭ ତାରିଖରେ ଚୂଡ଼ାନ୍ତ ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇବ ।

# ଅଶ୍ୱିନୀ-ଇସିଏମ୍‌ଏସ୍‌-ଆପ୍ରୁଭାଲ୍

ବୈଦ୍ୟୁତିକ ସାମଗ୍ରୀ ଉତ୍ପାଦନ ଯୋଜନା ଅଧୀନରେ ୭ଟି ଆବେଦନପତ୍ରକୁ ପ୍ରଥମ ପର୍ଯ୍ୟାୟରେ ଅନୁମୋଦନ କରାଯାଇଛି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମ ସହ ଆଲୋଚନା କାଳରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ଉଦ୍ୟୋଗ ଗୁଡ଼ିକ ଘରୋଇ ଚାହିଦା ପୂରଣ କରିବାରେ ସହାୟକ ହେବ । ମୋଟ୍ ୫ ହଜାର ୫୩୨କୋଟି ଟଙ୍କା ନିବେଶ ମାଧ୍ୟମରେ ୪୪ ହଜାର ୪୦୬ କୋଟି ଟଙ୍କାର ସାମଗ୍ରୀ ଉତ୍ପାଦର ଆଶା କରାଯାଉଛି ବୋଲି ସେ କହିଛନ୍ତି । ଏହା ଦ୍ୱାରା ୫ ହଜାରରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି କ୍ଷେତ୍ର ସୃଷ୍ଟି ହେବ ।

**V/O-3-ASHWINI-VAISHNAV**

ଏହି ଉଦ୍ୟୋଗଗୁଡ଼ିକ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ ମଧ୍ୟପ୍ରଦେଶରେ ପ୍ରତିଷ୍ଠା କରାଯିବ । ଫଳରେ ଦେଶର ଆଞ୍ଚଳିକ ଉତ୍ପାଦନ ସୁଦୃଢ଼ ହେବା ସହ ନିରନ୍ତର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ ହେବାର ଆଶା କରାଯାଉଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଜନସ୍ୱାସ୍ଥ୍ୟ ସୁରକ୍ଷାରେ ସ୍ୱଚ୍ଛତାର ଭୂମିକା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ଏମ୍ସର ଭେଷଜ ବିଭାଗର ପ୍ରଫେସର ଡାକ୍ତର ପିୟୁଷ ରଂଜନ ଏବଂ ଲେଡି ହାର୍ଡିଙ୍ଗ ମେଡ଼ିକାଲ୍ କଲେଜ ଓ କଳାବତୀ ଶରଣ ଶିଶୁ ଚିକିତ୍ସାଳୟର ପ୍ରଫେସର ଡକ୍ଟର ଅନୁ ମାହେଶ୍ୱରୀ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444 ଓ 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଜିଏସ୍‌ଟି-ଇଲେକ୍ଟ୍ରୋନିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ମାସ ୨୨ ତାରିଖରେ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଘୋଷଣା କରିବା ପରେ ଦେଶରେ ସମାଜର

ବିଭିନ୍ନ ବର୍ଗର ନାଗରିକ ଏହାର ସୁଫଳ ପାଉଛନ୍ତି । ପରବର୍ତ୍ତି ପିଢ଼ି ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ପ୍ରମୁଖ ବୈଦ୍ୟୁତିକ ସାମଗ୍ରୀ ଉପରେ ଟିକସହାର ହ୍ରାସ ଦ୍ୱାରା ଘରୋଇ ଉତ୍ପାଦନ ଇକୋ ସିଷ୍ଟମ୍ ସୁଦୃଢ଼ ହୋଇଛି । ବଜାର ଚାହିଦା ବୃଦ୍ଧି ପାଇବା ସହ ଏ କ୍ଷେତ୍ରରେ ଉଦ୍ୟୋଗ ଜଗତ ମଧ୍ୟ ପ୍ରୋତ୍ସାହିତ ହୋଇଛି । ଏୟାର୍ କଣ୍ଡିସନର୍, ଡିସ୍ ଓ୍ୱାସର୍ ଏବଂ ଟେଲିଭିଜନ୍ ଉପରେ ଟିକସ ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି ।

ଘରୋଇ ଉତ୍ପାଦ ବୃଦ୍ଧି ଯୋଗୁଁ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ପାଇଛି । ଦେଶର ଉତ୍ପାଦନ କ୍ଷମତା ମଧ୍ୟ ସୁଦୃଢ଼ ହୋଇଛି । ମନିଟର ଏବଂ ପ୍ରୋଜେକ୍ଟର ସମେତ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା ଆଧାରିତ ହାର୍ଡ୍‌ୱେୟାର୍ ଉପରେ ଜି.ଏସ୍.ଟି. ହାର ମଧ୍ୟ ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ ପାଇଛି । ଫଳରେ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ ଏବଂ ଡିଜିଟାଲ୍ ଶିକ୍ଷା କେନ୍ଦ୍ର ଅଧିକ ତ୍ୱରାନ୍ୱିତ ହୋଇଛି ।